# ବଦଳି

ମେ ମାସ ଶେଷ ହେବାକୁ ଯାଉଛି । ସ୍କୁଲ କଲେଜର ପରୀକ୍ଷାପତ୍ର ସରିଲାଣି ଏବଂ ଛୁଟିରେ ଯିଏ ଯୁଆଡେ ଗଲେଣି । ପରୀକ୍ଷା ପର୍ବ ପରେ ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ଆରମ୍ଭ ହୋଇଯିବ ଆଉ ଗୋଟିଏ ସରକାରୀ ପର୍ବ - ବଦଳି । ପ୍ରତ୍ୟେକ ପ୍ରଶାସନିକ ବ୍ୟବସ୍ଥାରେ ବଦଳିର ଆବଶ୍ୟକତା ରହିଛି । କେତେବେଳେ କାର୍ଯ୍ୟ ଦକ୍ଷତାକୁ ସ୍ୱୀକୃତି ଦିଆଯାଇ ପଦୋନ୍ନତି ପାଇଁ ବଦଳି କରାଯାଇଥାଏ ତ ଆଉ କେତେବେଳେ କାର୍ଯ୍ୟରେ ବିଭିନ୍ନ ତ୍ରୁଟିବିଚ୍ୟୁତିର ପ୍ରତିକାର ସ୍ୱରୂପ ମଧ୍ୟ ବଦଳି ଆଦେଶ ଦିଆଯାଇ ଥାଏ । ଗୋଟିଏ ସ୍ଥାନରେ କ୍ରମାନ୍ୱୟରେ ବର୍ଷ ବର୍ଷ ଧରି ରହିବା ପରେ ମନ ଏବଂ ପରିବେଶର ପରିବର୍ତ୍ତନ ପାଇଁ ସ୍ଥାନ ପରିବର୍ତ୍ତନର ମଧ୍ୟ ଆବଶ୍ୟକତା ପଡିଥାଏ । ଏସବୁକୁ ବଦଳିର ପ୍ରଶାସନିକ କାରଣ ବୋଲି କୁହାଯାଇପାରେ । କିନ୍ତୁ ବର୍ତ୍ତମାନ ବଦଳି କେବଳ ଏକ ପ୍ରଶାସନିକ ଆବଶ୍ୟକତା ହୋଇ ଆଉ ରହିନାହିଁ । ଏକ ସଂକ୍ରାମକ ବ୍ୟାଧିପରି ଏହା ଏତେ ପରିମାଣରେ ଆମର ବ୍ୟକ୍ତିଗତ ପାରିବାରିକ ଏବଂ ସାମାଜିକ ଜୀବନକୁ ଆକ୍ରାନ୍ତ କରିସାରିଲାଣି ଯେ ସମସ୍ତେ ନିଜ ନିଜର ସ୍ୱାର୍ଥ ବା ସୁବିଧା ଦୃଷ୍ଟିରୁ ଏଥିପାଇଁ ରାଜନୈତିକ ଚାପ ପ୍ରୟୋଗ କରାଇବା ପାଇଁ ଟିକେ ସଙ୍କୋଚ ବୋଧ କରୁନାହାନ୍ତି । ଆଜିର ପ୍ରତ୍ୟେକ ସରକାରୀ କର୍ମଚାରୀ ଯଦି କୌଣସି ଗୋଟିଏ ବିଷୟ ପାଇଁ ସବୁଠାରୁ ବେଶୀ ବ୍ୟସ୍ତ ତା'ହେଲେ ତାହା ହେଉଛି ଏଇ ବଦଳି । ନିଜର ବଦଳି ନ ହେବା ପାଇଁ କିମ୍ବା ଗୋଟିଏ ଆକାଂକ୍ଷିତ ଜାଗାକୁ ନିଜର ବଦଳି କରାଇବା ପାଇଁ ଆମେମାନେ ଅନେକଗୁଡ଼ିଏ ପାରିବାରିକ 'କାରଣ'ର ଅବତାରଣା କରିଥାଉ । ବୃଦ୍ଧ ପିତାମାତାଙ୍କ ସେବାଶୁଶ୍ରୂଷା ଠାରୁ ଆରମ୍ଭ କରି ଏକ ସୁଖମୟ ଦାମ୍ପତ୍ୟ ଜୀବନଯାପନ ତଥା ପିଲାମାନଙ୍କର ପାଠପଢା ପର୍ଯ୍ୟନ୍ତ କୌଣସି 'କାରଣ' ଆମ ତାଲିକାରୁ ବାଦ୍ ପଡେ ନାହିଁ ।

କିନ୍ତୁ ଅନ୍ୟ ଦୃଷ୍ଟିରୁ, ବଦଳି ଆଦେଶ କରିବା ଏବଂ ପରିବର୍ତ୍ତନ ଜାରିରେ ଏ ଆଦେଶକୁ ରଦ୍ଦ କରିବାରେ ସରକାର ଜନର ବିଭିନ୍ନ ସ୍ତରରେ ଯେତେ ପରିମାଣରେ ସରକାରୀ ସମୟ ନଷ୍ଟ ହୋଇଥାଏ, ତାର ଯଦି ଗୋଟିଏ ହିସାବ ନିଆଯାଏ, ତା'ହେଲେ ସେ କ୍ଷତିର ପରିମାଣ କୋଟି କୋଟି ଟଙ୍କା ହେବ । ବଦଳି ପାଇଁ ମାତ୍ରାଧିକ ବ୍ୟସ୍ତତା ପଛରେ ଯେତେଗୁଡ଼ିଏ ଯୁକ୍ତିଯୁକ୍ତ, ବ୍ୟକ୍ତିଗତ କାରଣ ଥାଉ ନା କାହିଁକି - ଏହା ଓଡ଼ିଶାର ସାମଗ୍ରିକ ଜୀବନ ପରିପ୍ରେକ୍ଷୀରେ କେତେଗୁଡ଼ିଏ ମୌଳିକ ପ୍ରଶ୍ନ ଉତ୍ଥାପିତ କରୁଛି । ହୁଏତ ଆମର ଅର୍ଥନୈତିକ ବିକାଶର ଫଳ ଏବଂ ଆଧୁନିକ ସଭ୍ୟତାର ଆଲୋକ ସବୁଜାଗାରେ ସମାନ ପରିମାଣରେ ପହଞ୍ଚ ପାରି ନାହିଁ । ଫଳରେ କେତୋଟି ନିର୍ଦ୍ଦିଷ୍ଟ ଜାଗାକୁ ସରକାରୀ କର୍ମଚାରୀମାନେ ଜାତିଭେଦ ପରି ସ୍ଥାନ ଭେଦ ନ୍ୟାୟରେ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥ ଦୃଷ୍ଟିରୁ ଅବାଞ୍ଛନୀୟ ମଣୁଛନ୍ତି । ହୁଏତ ଏ ପ୍ରକାର ଅର୍ଥନୈତିକ ବୈଷମ୍ୟ ଫଳରେ ଗତ ପଚାଶ ବର୍ଷ ମଧ୍ୟରେ ସ୍ୱ ତନ୍ତ୍ର ଓଡ଼ିଶାରେ ଯେଉଁ ପରିମାଣରେ ଭାବଗତ ଏକତା ପ୍ରତିଷ୍ଠିତ ହେବାକଥା, ତାହା ହୋଇପାରିନାହିଁ । ସମସ୍ତେ ନିଜ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଶାର ସାମୂହିକ ସ୍ୱାର୍ଥ ପ୍ରତି ଉଦାସୀନ ରହିଆସୁଛନ୍ତି । କହିବାର ତାତ୍ପର୍ଯ୍ୟ ଏହା ନୁହେଁ ଯେ ପ୍ରଶାସନିକ ବ୍ୟବସ୍ଥାରେ କୌଣସି ପ୍ରକାର ବ୍ୟକ୍ତିଗତ ସୁବିଧା, ଅସୁବିଧା ପ୍ରତି ମଧ୍ୟ କେବଳ ଆମଲାତାନ୍ତ୍ରିକ ନ୍ୟାୟରେ ଆଖି ବୁଜିଦିଆଯିବା ଉଚିତ । ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ, ବିଶେଷ କରି ଆମର ସାଂସ୍କୃତିକ ପରିବେଶରେ, ଏପ୍ରକାର ବ୍ୟକ୍ତିଗତ ସ୍ୱାର୍ଥ ନିଶ୍ଚିତ ଭାବରେ ସାମାଜିକ ତଥା ରାଜନୈତିକ ଚାପର ରୂପ ନେବ । ସବୁ ବ୍ୟକ୍ତିଗତ କାରଣର ଗୁରୁତ୍ୱ ସମାନ ହୋଇ ନ ପାରେ । ସମସ୍ତ ପ୍ରକାର ବ୍ୟକ୍ତିଗତ କାରଣ ମଧ୍ୟରେ ଭାରସାମ୍ୟ ରକ୍ଷା ବଦଳି ପର୍ବକୁ ସୁଶୃଙ୍ଖଳିତ ଏବଂ ନିୟନ୍ତ୍ରିତ କରିବା ଏବଂ ସମସ୍ତଙ୍କ ପକ୍ଷରେ ଗ୍ରହଣଯୋଗ୍ୟ କରାଇବା ଆଜିର ପ୍ରଶାସନ ପ୍ରତି ଏକ ମୁଖ୍ୟ ଆହ୍ୱାନ । ବୋଧହୁଏ ଏଥିପାଇଁ କେନ୍ଦ୍ର ସରକାର ନିକଟରେ ଚାକିରିଆ ସ୍ୱାମୀ-ସ୍ତ୍ରୀଙ୍କୁ ଏକା ଜାଗାରେ ଅବସ୍ଥାପିତ କରାଇବା ପାଇଁ ଗୋଟିଏ ନିୟମ ଘୋଷଣା କରିଛନ୍ତି । ଏହିପରି ଆହୁରି ଅନେକ ନିୟମ ପ୍ରଣୟନର ଆବଶ୍ୟକତା ରହିଛି ।

ତେଣୁ ଏ ବର୍ଷର ବଦଳି ପର୍ବ ଆରମ୍ଭ ହେବା ପୂର୍ବରୁ ଆମ ରାଜ୍ୟ ସରକାର ବିଭିନ୍ନ ବିଭାଗାଧ୍ୟକ୍ଷ ମାଧ୍ୟମରେ, କର୍ମଚାରୀମାନଙ୍କର ବଦଳି ପାଇଁ ଯେଉଁ ବ୍ୟକ୍ତିଗତ ଅଭିଯୋଗମାନ ରହିଛି - ସେଗୁଡ଼ିକୁ ଭିନ୍ନ ଭିନ୍ନ ଭାବେ ଅନୁଧ୍ୟାନ କରନ୍ତୁ ଏବଂ ଏକ ସାଧାରଣ ନିୟମ ସ୍ଥିର କରି ତାହାରି ଭିତ୍ତିରେ ଯଥା ସମ୍ଭବ ଗ୍ରହଣଯୋଗ୍ୟ ବଦଳି ଆଦେଶ ଦିଅନ୍ତୁ, ଯାହାଦ୍ୱାରା ଏହାର ପୁନର୍ବିଚାରରେ ଆଉ ଅଧିକ ସରକାରୀ ସମୟ ଓ ଅର୍ଥ ନଷ୍ଟ ହେବ ନାହିଁ ।